ଧରିତ୍ରୀ
DHARITRI

# ମନ ମିଜାଜ

ଗୁରୁବାର, ୧ ନଭେମ୍ବର, ୨୦୧୮



ଶଶାଙ୍କ ଶେଖର

ପୃଷ୍ଠା-୮ ଧରିତ୍ରୀ ଆଳାପ

ଖାଦ୍ୟ ରୁଚି
ଜହ୍ନି, ଚିଙ୍ଗୁଡ଼ି ତରକାରି
ପୃ ୩

ଅନ୍ତରଙ୍ଗ ଆଳାପ
ଡ୍ରିମ୍ ଗର୍ଲ କଳ୍ପାଶା
ପୃ ୭


## ସଫଳ ନାରୀଙ୍କ କାହାଣୀ

# ଲେଡି ବସ୍

ଅତ୍ୟାଚାର ଭୟରେ ଘରକୋଣରେ ନ ବସି ସମ୍ମାନର ସହ ବଞ୍ଚିବାକୁ ସଂଘର୍ଷ ଜାରିରଖିଛନ୍ତି ଆଜିର ନାରୀ। କାହା ଉପରେ ବୋଝ ନ ହୋଇ ନିଜେ କିଭଳି ମୁଣ୍ଡ ଉଠାଇ ଚାଲିବେ, ସେଥିପାଇଁ ଅହରହ ପରିଶ୍ରମ କରୁଛନ୍ତି। ନିଜ ଉପରେ ଲାଗିଆସୁଥିବା 'ଅବଳା', 'ଦୁର୍ବଳା' ଓ 'ସର୍ବଂସହା'ର ଟ୍ୟାଗ୍‌କୁ ଧୀରେ ଧୀରେ ହଟାଉଛନ୍ତି। ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିବା ସହ ସଚେତନତା ମାଧ୍ୟମରେ ସମାଜକୁ ଉଚିତ ବାଟ ଦେଖାଉଛନ୍ତି। ରାଜନୀତି, ପ୍ରଶାସନ, ଚିକିତ୍ସା, ସୈନ୍ୟବାହିନୀ, ଓକିଲାତି ଓ ଶିକ୍ଷା ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଆଗକୁ ବଢୁଛନ୍ତି। ସଫଳ ଉଦ୍ୟୋଗୀଭାବେ ନିଜକୁ ପ୍ରତିଷ୍ଠିତ କରି ଅନ୍ୟମାନଙ୍କ ବସ୍ ହେଉଛନ୍ତି। ସେହିଭଳି କେତେଜଣ 'ଲେଡି ବସ୍'ଙ୍କୁ ନେଇ ଏହି ଉପସ୍ଥାପନା

## ପ୍ରୋଶିଶ୍

ନେପାଳ ଜନ୍ମିତ ପ୍ରୋଶିଶ୍ ଗୋଲିୟାନ୍। ଯେଉଁ କାମ ପୁରୁଷମାନଙ୍କ କ୍ଷେତ୍ରରେ କରିବା କଷ୍ଟକର, ତାହାକୁ ସେ ବେଶ୍ ସଫଳତାର ସହ କରିଦେଖାଇଛନ୍ତି। ଓଡ଼ିଆ ନ ହୋଇ ବି ଜଣେ ଖାଣ୍ଟି ଓଡ଼ିଆଙ୍କ ଭଳି ଓଡ଼ିଶାବାସୀଙ୍କ ମନ ଜିଣିଛନ୍ତି। ବାହାଘର ପରେ ଓଡ଼ିଶା ଆସିବା ପରେ ଏଠାରେ କିଛି ନୂଆ ଆରମ୍ଭ କରିବାକୁ ସେ ଭାବିଥିଲେ। ମାର୍କେଟିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ପ୍ରୋଶିଶ୍ ପ୍ରଥମେ ଜଣେ ଆକାଉଣ୍ଟ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଡିଜାଇନ୍‌ରେ ଥିବା ତାଙ୍କର ଆଗ୍ରହ ତାଙ୍କୁ ଡିଜାଇନ୍ ଏବଂ କଣ୍ଟେଣ୍ଟ ଏଜେନ୍ସି 'ଗୁଡ୍ ଭାଇବ୍ସ' ପ୍ରତିଷ୍ଠା କରିବାକୁ ଉତ୍ସାହିତ କରିଥିଲା। ନିଜର ଜଣେ ବନ୍ଧୁଙ୍କ ସହ ମିଶି ସେ ଗୁଡ୍ ଭାଇବ୍ସ ପ୍ରତିଷ୍ଠା କରିବାପରେ ଏହାର ଡିଜାଇନ୍ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଥିଲା। ଏହାପରେ ସେ ନିଜର ଏକ ମର୍ଚାଣ୍ଡାଇଜ୍ ବ୍ରାଣ୍ଡ 'ଷ୍ଟୁଡିଓ ସାର୍କାଷ୍ଟିକ୍ ଓଡ଼ିଶା' ପ୍ରତିଷ୍ଠା କରିଥିଲେ, ଯାହା ସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ନିଆରା ଥିଲା। ପ୍ରଥମଥର ପାଇଁ କଟାକ୍ଷ, ବ୍ୟଙ୍ଗ ଓଡ଼ିଆ ଶବ୍ଦ ଏବଂ



ପରିବାରବର୍ଗଙ୍କ ସହ ପ୍ରୋଶିଶ୍

କିଛି ଖାଣ୍ଟି ଓଡ଼ିଆ ତଥା ଚିରାଚରିତ ଢଗକୁ ଟି-ଶାର୍ଟ, କଫି ମଗ୍, ସଟ୍‌ସ ଗ୍ଲାସ୍, ବ୍ୟାଗ୍, ସିପର୍ସ, ଆଇଫୋନ୍ କଭର, ପାଉଚ୍ ଆଦିରେ ପ୍ରିଣ୍ଟ କରି ତାହାକୁ ବଜାରକୁ ଛାଡ଼ିଥିଲେ। ତାହା ଯୁବପିଢି ବିଶେଷକରି କଲେଜ ପଢୁଆ ପିଲାମାନଙ୍କ ମଧ୍ୟରେ ଆଦୃତ ହୋଇଥିଲା। ଓଡ଼ିଆ ନ ହୋଇ ବି ସେ ଏଭଳି ଏକ ଭିନ୍ନଶୈଳୀରେ ବର୍ତ୍ତମାନର ପିଢିଙ୍କ ମଧ୍ୟରେ ଓଡ଼ିଆର ଲୋକପ୍ରିୟତା କରିବାରେ ସଫଳ ହୋଇଥିଲେ। 'ସବୁବେଳେ ଫୋନ୍', 'ସଂସ୍କାରୀ ସେଲ୍‌ଫି', 'ଧେତ୍ ତେରିକି', 'କଣ କଲା ସେ', 'ନାଇଁ ନାଇଁ ନାଇମ', 'ଆଲୋ ଇୟେ କି କଥା', 'ରୋଳା ଟୋକା', 'ବୋବାଲ ଟୋକୀ' ଭଳି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଓଡ଼ିଆ ଶବ୍ଦ, କୁହାକଥା ଓ କିଛି ଫିଲ୍ମ ଡାଏଲଗ୍ ଆଦିକୁ ନୂଆ ରୂପରେ ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। କେବଳ ସାଧାରଣ ଗ୍ରାହକ ନୁହେଁ, ଅଧିକାଂଶ ରେଷ୍ଟୁରାଣ୍ଟ ଓ କାଫେ ହାଉସ୍ ମଧ୍ୟ ଆଜିକାଲି ତାଙ୍କର ଏହି ସାମଗ୍ରୀ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ଏହାର ମୁଖ୍ୟଅଫିସ୍ ଥିବାବେଳେ ଫେସ୍‌ବୁକ୍ ପେଜ୍ ମାଧ୍ୟମରେ ସିଧା ଗ୍ରାହକଙ୍କ ଅର୍ଡର ଗ୍ରହଣ କରୁଛି। ଏହାସହ ଫେସ୍‌ବୁକ୍ ପେଜ୍‌ରୁ ଲୋକଙ୍କ ପରାମର୍ଶ ଅନୁଯାୟୀ ନୂଆ ନୂଆ ଓଡ଼ିଆ ଶବ୍ଦ ଓ ଢଗ ମଧ୍ୟ ମିଳିଯାଉଛି। ଏନେଇ ପ୍ରୋଶିଶ୍ କୁହନ୍ତି, ଓଡ଼ିଆ ଜାଣି ନ ଥିବାରୁ ପ୍ରଥମେ ଟିକେ ସମସ୍ୟା ସୃଷ୍ଟି ହୋଇଥିଲା। ଏଥିପାଇଁ ବହୁତ ରିସର୍ଚ୍ଚ କରିଥିଲି। ସାଙ୍ଗସାଥୀ ଓ ପରିବାର ସଦସ୍ୟମାନେ ସବୁବେଳେ ସାହାଯ୍ୟ କରିଥିଲେ। ମୁଁ ମିଶୁଥିବା ଯେକୌଣସି ଓଡ଼ିଆ ଲୋକ ଏପରିକି ମୋ ଘରେ କାମ କରୁଥିବା ଲୋକଙ୍କଠାରୁ ମଧ୍ୟ ମୁଁ ଓଡ଼ିଆ ଢଗ ପଚାରି ବୁଝୁଥିଲି, ଯାହାକି 'ଷ୍ଟୁଡିଓ ସାର୍କାଷ୍ଟିକ୍ ଓଡ଼ିଶା'କୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତେବେ କେବଳ ଡିଜାଇନ୍ ନୁହେଁ, ନିଜର ବୈବାହିକ ଜୀବନ ସହ ବ୍ୟବସାୟକୁ ବେଶ୍ ଭଲଭାବେ ବାଲାନ୍ସ କରିଥିବା ପ୍ରୋଶିଶ୍ ଜଣେ ବାଇକର୍ ଭାବେ ମଧ୍ୟ ବେଶ୍ ଜଣାଶୁଣା।



ପୃ ୨

## ସଫଳ ନାରୀଙ୍କ କାହାଣୀ

# ଲେଡି ବସ୍

ପ୍ରଥମ ପୃଷ୍ଠାରୁ...



### ଶ୍ରଦ୍ଧାଞ୍ଜଳି ରାଉଳ

୪ ବର୍ଷ ପୂର୍ବେ ଏକ ଛୋଟ ଘରୁ ନିଜର ବ୍ୟବସାୟ ଆରମ୍ଭ କରିଥିଲେ ଭୁବନେଶ୍ୱରର ଶ୍ରଦ୍ଧାଞ୍ଜଳି ରାଉଳ। ମନରେ ଅନେକ ସ୍ୱପ୍ନ ରହିଥିଲା କିଛି ନୂଆ ଓ ଭିନ୍ନ କରିବେ। ରମାଦେବୀ ମହିଳା ମହାବିଦ୍ୟାଳୟରୁ ସ୍ନାତକ କରିସାରିବା ପରେ ପବ୍ଲିକ୍ ଆଡମିନିଷ୍ଟ୍ରେଶନରେ ସ୍ନାତକୋତ୍ତର କରିଥିଲେ। ହେଲେ ଚାକିରି କରିବାକୁ ମନ ନଥିଲା। ତେଣୁ ପ୍ରଥମେ ଛୋଟ ଗ୍ୟାରେଜ ଭଳି ଘର ନେଇ ଏକ ଛୋଟ ବ୍ୟବସାୟ ଆରମ୍ଭ କରିଥିଲେ। କିଛି ମେଶିନ୍ ଭଡାରେ ଆଣି ଚାନ୍ଦୁଆ ୱାର୍କଶପ୍ କରିଥିଲେ। ବାସ୍ ଏହାପରେ ଆଉ ପଛକୁ ଫେରି ନ ଥିଲେ ଶ୍ରଦ୍ଧାଞ୍ଜଳି। ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢି ଚାଲିଥିଲେ। କିଛିଦିନ ପରେ ବ୍ୟାଙ୍କ୍‌ରୁ ଲୋନ୍ ଆଣି ୱାର୍କଶପ୍‌କୁ ବ୍ୟାପକ କରିବାସହ ଏହାର ପରିସୀମା ବୃଦ୍ଧି କରିଥିଲେ। ଏହାମଧ୍ୟରେ ଜୁଟ୍ ପ୍ରଡକ୍ଟ ମାନୁଫ୍ୟାକଚରିଂ ୟୁନିଟ୍ ମଧ୍ୟ ଆରମ୍ଭ କରିଥିଲେ। ଚାନ୍ଦୁଆକୁ ଦେଶ ଏବଂ ବିଦେଶରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଏବେ ସେ ଉତ୍କଳିକାର ରେଗୁଲାର ସପ୍ଲାଏର ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ଓଡ଼ିଶା ଏବଂ ଓଡ଼ିଶା ବାହାରେ ତାଙ୍କର ହଜାର ହଜାର କ୍ରେତା ରହିଛନ୍ତି। ଆଗକୁ ଇଣ୍ଟରନ୍ୟାଶନାଲ ପ୍ଲାଟଫର୍ମକୁ ବିଜନେସ୍ ଏକ୍ସପାଣ୍ଡ କରିବାକୁ ଲକ୍ଷ୍ୟ ରଖିଥିବା ଶ୍ରଦ୍ଧାଞ୍ଜଳିଙ୍କର ଏକ୍ସପୋର୍ଟ-ଇମ୍ପୋର୍ଟ ଲାଇସେନ୍ସ ମଧ୍ୟ ରହିଛି। ଏନେଇ ସେ କୁହନ୍ତି, ପ୍ରଥମରୁ ମୁଁ ନିଜେ ସବୁକିଛି କରିଛି। କାହାର ବି ସାହାଯ୍ୟ ନେଇନି। ପିଲାବେଳୁ ମୋର କ୍ରାଫ୍ଟରେ ଆଗ୍ରହ ରହିଥିଲା। ତେଣୁ ଏକ୍ଷେତ୍ରରେ ହିଁ କିଛି କରିବାକୁ ଚାହିଁଥିଲି। ଏହାବ୍ୟତୀତ ନିଜ ସହ କିଭଳି ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବି ତାହା ମୋର ଆଉ ଏକ ଲକ୍ଷ୍ୟ ଥିଲା। କେବଳ ଏତିକି ନୁହେଁ, ଜଣେ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ରାଜ୍ୟ ଏବଂ ରାଜ୍ୟ ବାହାରେ ଏକାଧିକ କାର୍ଯ୍ୟକ୍ରମରେ ସେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଛନ୍ତି।



### ସୁପ୍ରୀତି ମିଶ୍ର

ଓଡ଼ିଶାର ଉଦ୍ୟୋଗ କ୍ଷେତ୍ରରେ ଜଣେ ପରିଚିତ ଓ ଜଣାଶୁଣା ଚେହେରା ସୁପ୍ରୀତି ମିଶ୍ର। ଗୋଟିଏ କି ଦୁଇଟି ନୁହେଁ, ଏକାଧିକ କମ୍ପାନୀର ମୁଖ୍ୟଭାବେ କାର୍ଯ୍ୟ କରୁଥିବା ସୁପ୍ରୀତି କର୍ପୋରେଟ୍ ଲ'ରେ ଡିପ୍ଲୋମା ସହ ଫିନାନ୍ସରେ ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି। କେବଳ ଏତିକି ନୁହେଁ, ବ୍ରିଟେନ୍‌ର କାର୍ଡିଫ୍ ୟୁନିଭର୍ସିଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବାପରେ ସେଠାରେ ଚାକିରି କରିଥିଲେ। ହେଲେ ଓଡ଼ିଶାରେ ରହି କିଛି କରିବାର ଇଚ୍ଛା ତାଙ୍କୁ ଏଠାକୁ ଫେରାଇ ଆଣିଥିଲା। ଓଡ଼ିଶାରେ ପ୍ରଥମେ ଏଲ୍‌ପିଜି ସିଲିଣ୍ଡର, ରେଗୁଲେଟର ଆଦିର ଉତ୍ପାଦନ କରୁଥିବା ଇସିପି ଇଣ୍ଡଷ୍ଟ୍ରିଜ୍‌ର ଡାଇରେକ୍ଟର ଭାବେ କାମ କରିଥିଲେ। ବିଜନେସ୍ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିବାରୁ ନିଜର କିଛି କରିବାକୁ ଚିନ୍ତା କରିଥିଲେ। ବାଲେଶ୍ୱରର କୃଷକ ଏବଂ ମହିଳାଙ୍କ ସଶକ୍ତୀକରଣ ଉଦ୍ଦେଶ୍ୟରେ ସେ 'ନର୍ଥ ଓଡ଼ିଶା ଫାର୍ମର୍ସ ମଲ୍ଟିପରପୋଜ୍ କୋପରେଟିଭ୍ ଲିମିଟେଡ୍'(ଏନ୍‌ଓଏଫ୍‌ଏମ୍‌ସିଏଲ୍) ପ୍ରତିଷ୍ଠା କରିଥିଲେ, ଯାହାକି ପରବର୍ତ୍ତୀ ସମୟରେ ଏକ ଟ୍ରଷ୍ଟରେ ପରିବର୍ତ୍ତନ ହୋଇ ଚାଷୀଙ୍କ ରୋଜଗାର ବୃଦ୍ଧିପାଇଁ ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେଉଥିଲା। ପଶୁପାଳନ, ଫୁଲଚାଷ, ଉଦ୍ୟାନକୃଷି, ବାୟୋଗ୍ୟାସ୍ ପ୍ଲାଣ୍ଟ, ସୋଲାର ପାୱାର ସଲ୍ୟୁସନ୍, ଅର୍ଗାନିକ୍ ଫାର୍ମିଂ ସହ ଡାଏରୀ ଫାର୍ମିଂ ପାଇଁ 'ଗୋ-ବିକାଶ' ଏବଂ ସିଡ୍ ପ୍ରୋସେସିଂ ପାଇଁ 'ପିଓର୍ ସିଡ୍' ନାମରେ ଦୁଇଟି ଯୋଜନାକୁ ଟ୍ରଷ୍ଟ କାର୍ଯ୍ୟକାରୀ କରୁଛି, ଯାହାକି କେବଳ କୃଷକ ନୁହେଁ, ମହିଳାଙ୍କ ବିକାଶରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ସୁପ୍ରୀତି ନବରଙ୍ଗପୁର ଜିଲାରେ 'ଗ୍ଲେଜ୍ ହୋଟେଲ୍ ଆଣ୍ଡ ରିସର୍ଟ' ପ୍ରତିଷ୍ଠା କରିଛନ୍ତି। ଏହାଦ୍ୱାରା ଆଦିବାସୀ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାସହ ବେଶ୍ କମ୍ ଦାମ୍‌ରେ ପର୍ଯ୍ୟଟକଙ୍କ ରହଣି ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇପାରିଛି। କେବଳ ଏତିକି ନୁହେଁ, 'ଇଏମ୍‌ପିଆର୍‌ପି ଅଟୋମୋବାଇଲ୍ସ' ନାମରେ ଏକ ମଲ୍ଟିଫୁଲ୍ କାର୍ ସର୍ଭିସ୍ ୱାର୍କଶପ୍ ପ୍ରତିଷ୍ଠାକରି ଏହା ମାଧ୍ୟମରେ ଅଟୋମୋବାଇଲ୍ସ ସେକ୍ଟରକୁ ମଧ୍ୟ ସେ ପ୍ରବେଶ କରିଛନ୍ତି। ସେହିଭଳି ବାଲାଜି ଟେଲି ଫିଲ୍ମସ ଅଧୀନରେ ଥିବା 'ଆଇସିଇ'ର ଫ୍ରାଞ୍ଚାଇଜ୍ ଓଡ଼ିଶାକୁ ଆଣି ଏଠାକାର ପ୍ରତିଭାବାନ୍ ଯୁବ କଳାକାର ଓ ଶିଳ୍ପୀଙ୍କୁ ବଲିଉଡ୍ ପଠାଇବାର ସ୍ୱପ୍ନ ପୂରଣ କରୁଛନ୍ତି। ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିବା ସୁପ୍ରୀତିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ 'ବେଷ୍ଟ ଇନୋଭେଟରର୍' ଆୱାର୍ଡରେ ସମ୍ମାନିତ କରାଯାଇଛି।



### ସୁସ୍ମିତା ମହାନ୍ତି

ସ୍ପେସ୍ ରିସର୍ଚ୍ଚ ଓ ସ୍ପେସ୍ ସାଇନ୍ସ କ୍ଷେତ୍ରରେ ଜଣେ ପରିଚିତ ଚେହେରା ସୁସ୍ମିତା ମହାନ୍ତି। ସ୍ପେସ୍ ଡିଜାଇନର, ସ୍ପେସ୍ ଆର୍କିଟେକ୍ ଏବଂ ସ୍ପେସ୍ ଏଣ୍ଟରପ୍ରିନ୍ୟୁୟର୍ ଭାବେ ଖ୍ୟାତି ଅର୍ଜନ କରିଥିବା ଏହି ମହିଳା ଭାରତର ପ୍ରଥମ ପ୍ରାଇଭେଟ୍ ସ୍ପେସ୍ ଷ୍ଟାର୍ଟଅପ୍ ସଂସ୍ଥା 'ଆର୍ଥଟୁଅରବିଟ୍' କରି ଚର୍ଚ୍ଚାକୁ ଆସିଥିଲେ। ଆମେରିକା, ଜାପାନ୍, ୟୁରୋପ, ରୁଷିଆ ଭଳି ରାଷ୍ଟ୍ରର ମହାକାଶ ସଂସ୍ଥା ସହ କାମ କରିଥିବା ସୁସ୍ମିତା ଏକାଧିକ ଡିଗ୍ରୀ ସହ କାଲିଫର୍ନିଆର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ପ୍ରୋଗ୍ରାମ ଏବଂ ନାସାର ଜନସନ୍ ସ୍ପେସ୍ ସେଣ୍ଟରରେ ମଧ୍ୟ କାମ କରିବାର ଦକ୍ଷତା ରଖିଛନ୍ତି। ବର୍ତ୍ତମାନ ସାଟେଲାଇଟ୍ ମାଧ୍ୟମରେ 'ବିଗ୍ ଡାଟା ଆନାଲିସିସ୍' ମାଧ୍ୟମରେ ଜଳବାୟୁ ପରିବର୍ତ୍ତନରୁ ବିଶ୍ୱକୁ ରକ୍ଷା କରିବାର ପ୍ରୟାସ କରୁଛନ୍ତି ସୁସ୍ମିତା। ବାପା ଅହମ୍ମଦାବାଦସ୍ଥିତ ଇସ୍ରୋରେ କାମ କରୁଥିବାରୁ ପିଲାବେଳୁ ସେ ମହାକାଶ ବିଜ୍ଞାନ ସଂସ୍ପର୍ଶରେ ଆସିଥିଲେ। ସେହିଭଳି ଅହମ୍ମଦାବାଦ ଆର୍କିଟେକ୍ଟର ସହର ହୋଇଥିବାରୁ ବହୁ ବଡ଼ ବଡ଼ ଆର୍କିଟେକ୍ଟଙ୍କ ସହ ମିଶିବାର ସୁଯୋଗ ମଧ୍ୟ ମିଳିଥିଲା। ତେଣୁ ମହାକାଶ ଓ ଆର୍କିଟେକର ମିଳିତ ଛାପ ପିଲାବେଳୁ ତାଙ୍କ ଉପରେ ପଡିଥିଲା। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍(ଏନ୍‌ଆଇଡି)ରୁ ଉତ୍ତୀର୍ଣ୍ଣ ହେବାପରେ ମହାକାଶ ସମ୍ବନ୍ଧୀୟ ବିଭିନ୍ନ ଡିଜାଇନ୍ କରିବାକୁ ଚାହିଁଥିଲେ। ଯେଉଁ ସୁଯୋଗ ତାଙ୍କୁ ସ୍ପେସ୍ ଏଣ୍ଟରପ୍ରିନ୍ୟୁୟରଶିପ୍ ଦେଇଥିଲା ବୋଲି ସେ କୁହନ୍ତି। ତାଙ୍କ ସଂସ୍ଥା 'ଆର୍ଥଟୁଅରବିଟ୍' ସୋଲାର ଏନର୍ଜି, ଜଳ, ସ୍ମାର୍ଟ ସିଟି ଏବଂ କୃଷି ଭଳି ୪ଟି ବିଭାଗରେ କାମ କରୁଛି। ସରକାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସହ ମିଶି କିଭଳି ପରିବେଶ ଉପଯୋଗୀ କାମ କରାଯାଇପାରିବ ସେଥିପାଇଁ ନୂଆ ଦିଗ ଦେଖାଉଛି। ସେହିଭଳି ଗ୍ରାଉଣ୍ଡ ଡାଟାକୁ ସ୍ପେସ୍ ଡାଟା ସହ ତୁଳନା କରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିଭଳି ପରିବେଶ ଅନୁକୂଳ ହୋଇପାରିବ ଏବଂ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇହେବ ସେନେଇ ମଧ୍ୟ ସୁସ୍ମିତାଙ୍କ ସଂସ୍ଥା କାମ କରୁଛି। ସୁସ୍ମିତାଙ୍କ ସଫଳତା ଓ ସ୍ପେସ୍ ସାଇନ୍ସ ପ୍ରତି ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ନିକଟରେ ତାଙ୍କୁ 'ମୋ ସ୍କୁଲ୍' ଯୋଜନାର ଅଧକ୍ଷାଭାବେ ନିଯୁକ୍ତ କରିଛନ୍ତି।



### ଟୁମ୍ପି ଦତ୍ତ

ଜୀବନରେ ଯେତେ ସମସ୍ୟା ଥିଲେ ବି ମନରେ ଥିବା ଦୃଢ଼ ଇଚ୍ଛାଶକ୍ତି ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ବାଟ କଢ଼ାଇଥାଏ। ସଫଳତାର ଶୀର୍ଷରେ ପହଞ୍ଚାଇବାର ସନ୍ତୁଷ୍ଟି ଦେଇଥାଏ, ଯାହା ଭୁବନେଶ୍ୱରର ଟୁମ୍ପି ଦତ୍ତଙ୍କ କ୍ଷେତ୍ରରେ ସତ ହୋଇଛି। ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ଦେଶର ଶ୍ରେଷ୍ଠ ଉଦ୍ୟୋଗୀ ହେବାର ଗୌରବ ଅର୍ଜନ କରିଛନ୍ତି ଏହି ମହିଳା। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା 'ନ୍ୟାଶନାଲ ଆୱାର୍ଡ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍ସ ୱିଥ୍ ଡିଜାବିଲିଟିଜ୍-୨୦୧୭'କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ହାତରୁ ଗ୍ରହଣ କରି ଚର୍ଚ୍ଚାକୁ ଆସିଥିଲେ ଟୁମ୍ପି। ଲୋକୋମୋଟର ଡିଜାବିଲିଟି କାଟାଗୋରିରେ ସେ ଏହି ପୁରସ୍କାର ପାଇ ଦେଶର ଶ୍ରେଷ୍ଠ ଉଦ୍ୟୋଗୀ ହେବାର ଗୌରବ ଅର୍ଜନ କରିଥିଲେ। ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ଟୁମ୍ପି ଏକ ବିଜ୍ଞାପନ କମ୍ପାନୀ 'ମାଷ୍ଟରମାଇଣ୍ଡ ଆଡଭର୍ଟାଇଜ୍‌ମେଣ୍ଟ ସର୍ଭିସେସ୍'ର ପ୍ରତିଷ୍ଠାତା ହେବାସହ ଏହାର ମୁଖ୍ୟଭାବେ କାର୍ଯ୍ୟ କରୁଛନ୍ତି। ଟୁମ୍ପିଙ୍କ ନେତୃତ୍ୱରେ ଏହି କମ୍ପାନୀ ଏବେ ବେଶ୍ ସଫଳତାର ସହ କାମ କରୁଥିବା ବେଳେ ଶତାଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇପାରିଛି। ଏକ ଦୁର୍ଘଟଣାର ଶିକାର ହୋଇ ସେ ଏବେ ହୁଇଲଚେୟାର ବ୍ୟବହାର କରୁଥିଲେ ମଧ୍ୟ ତାଙ୍କର ଦୃଢ଼ ମନୋବଳ ଆଗରେ ଶାରୀରିକ ଅକ୍ଷମତା ହାର୍ ମାନିଛି। ସବୁଠାରୁ ବଡ଼କଥା ହେଲା, ନିଜ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସେ ବହୁ ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସଫଳ ହୋଇଛନ୍ତି। ସେହିଭଳି ବରିଷ୍ଠ ନାଗରିକମାନଙ୍କୁ ନିଜ କମ୍ପାନୀରେ କାମ କରିବାର ସୁଯୋଗଦେଇ ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିଛନ୍ତି। ଆଡ୍‌ଭର୍ଟାଇଜମେଣ୍ଟ ଏବଂ ପିଆର୍‌ରେ ଡିପ୍ଲୋମା ଡିଗ୍ରୀ ହାସଲ କରିଥିବା ଟୁମ୍ପି ୧୯୯୨ରେ ଭୁବନେଶ୍ୱରରେ ମାଷ୍ଟରମାଇଣ୍ଡ ଆଡ୍‌ଭର୍ଟାଇଜମେଣ୍ଟ ସର୍ଭିସେସ ଆରମ୍ଭ କରିଥିଲେ। ହେଲେ ୨୦୦୩ରେ ଦୁର୍ଘଟଣାର ଶିକାର ହେବାପରେ ତାଙ୍କ ଜୀବନ ଏକ ଭିନ୍ନମୋଡ ନେଇଥିଲା। ସେହିଭଳି ୨୦୧୧ରେ ତାଙ୍କ ସ୍ୱାମୀ ପ୍ରଫେସର ତଥାଗତ ଦତ୍ତଙ୍କ ମୃତ୍ୟୁ ତାଙ୍କୁ ଆଉ ଏକ ଝଟକା ଦେଇଥିଲା। ମାତ୍ର ଏଥିରେ ଭାଙ୍ଗି ନ ପଡି ନିଜର ସଂଘର୍ଷ ଜାରି ରଖିଥିଲେ ଟୁମ୍ପି। ଆଜି ତାଙ୍କ ସଂସ୍ଥା ଏକାଧିକ ନ୍ୟାଶନାଲ ଓ ମଲ୍ଟିନ୍ୟାଶନାଲ କମ୍ପାନୀଙ୍କ ସହ ଡିଲ୍ କରୁଛି।

ରିପୋର୍ଟ: ସସ୍ମିତା ପାଇକରାୟ



ଖାଦ୍ୟରୁଚି

# ଜହ୍ନି, ଚିଙ୍ଗୁଡ଼ି ତରକାରି

ସୁସ୍ୱାଦୁ ଖାଦ୍ୟ ଯେଉଁଠି ମିଳେ ସେଠି ଗ୍ରାହକଙ୍କ ଭିଡ଼ ଜମେ। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସହର ପୁରୀରେ ଥିବା ହୋଟେଲ, ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ପୁରୀ ବଳିଆପଣ୍ଡାସ୍ଥିତ ହୋଟେଲ ଏମ୍ପାୟାର୍ସରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଆମିଷ ମଧ୍ୟରେ ହୋଟେଲର ଏକ ଚାହିଦାଯୁକ୍ତ ଓଡ଼ିଆ ଡିସ୍ ହେଉଛି ଜହ୍ନି, ଚିଙ୍ଗୁଡ଼ି ତରକାରି। ଏହି ଓଡ଼ିଆ ଘରର ଖାଦ୍ୟ ପ୍ଲେଟ୍‌ର ଦାମ୍ ରହୁଛି ୩୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ରେଷ୍ଟୁରାଣ୍ଟର ମୁଖ୍ୟ ସେଫ୍ ସଞ୍ଜୟ କୁମାର ବାରିକଙ୍କ ମୁହଁରୁ...



ସଞ୍ଜୟ କୁମାର ବାରିକ

## ଆବଶ୍ୟକ ସାମଗ୍ରୀ

- ଚିଙ୍ଗୁଡ଼ି-୫୦୦ ଗ୍ରାମ୍
- ଜହ୍ନି-୩୦୦ ଗ୍ରାମ
- କଟା ଟମାଟୋ- ୧୦୦ ଗ୍ରାମ୍
- କଟା ପିଆଜ-୫୦ ଗ୍ରାମ୍
- ପିଆଜ ପେଷ୍ଟ-୧୦୦ ଗ୍ରାମ୍
- ଅଦା ପେଷ୍ଟ-୧୦ ଗ୍ରାମ୍
- ରସୁଣ ପେଷ୍ଟ- ୫ ଗ୍ରାମ୍
- ଗୋଟା ଜିରା-୧ ଚାମଚ
- ଗୋଟା ସୋରିଷ-୧ ଚାମଚ
- ଶୁଖିଲା ଲଙ୍କା-୨ଟା
- ଜିରା ପାଉଡ଼ର- ୧ ଚାମଚ
- ଧନିଆ ପାଉଡ଼ର-୩ ଚାମଚ
- ଗୁଣ୍ଡ ହଳଦୀ-୧ ଚାମଚ
- ଲଙ୍କା ଗୁଣ୍ଡ-୨ ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ
- ସୋରିଷ ତେଲ-୪ ବଡ଼ ଚାମଚ
- ଗରମ ମସଲା-୩ ଚାମଚ
- କଟା ଧନିଆପତ୍ର-୩ ଚାମଚ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ି ଖୋଳ ଛଡାଇ ଏବଂ ଧୋଇ ସେଥିରେ ଲୁଣ, ହଳଦୀଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ଜହ୍ନିର ଚୋପା ଛଡାଇ ଗୋଲ ଗୋଲ କରି କାଟିବା ପରେ ଧୋଇ ରଖନ୍ତୁ। ମଧ୍ୟମ ଧରଣର ନିଆଁରେ କଡ଼େଇ ବସାଇ ଗରମ ହୋଇଗଲା ପରେ ଗୋଟିଏ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ ୫ ମିନିଟ୍ ପର୍ଯ୍ୟନ୍ତ ଚିଙ୍ଗୁଡ଼ିକୁ ଭାଜି କାଢି ଦିଅନ୍ତୁ। ଏହାପରେ ୩ ଚାମଚ ତେଲ ପକାଇ ଗରମ ହୋଇଗଲା ପରେ ଗୋଟା ଜିରା, ସୋରିଷ ଏବଂ ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ସୋରିଷ ଓ ଜିରା ଫୁଟିଗଲା ପରେ କଟା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ଏବେ ଅଦା, ରସୁଣ ଓ ପିଆଜ ପେଷ୍ଟ ପକାଇ ସେଥିରେ ହଳଦୀଗୁଣ୍ଡ, ଲଙ୍କା ଗୁଣ୍ଡ ଏବଂ ଲୁଣ ପକାନ୍ତୁ। ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ମସଲାକୁ କଷନ୍ତୁ। ମଝିରେ ମଝିରେ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ମସଲା ହୋଇଗଲା ପରେ ସେଥିରେ କଟା ଟମାଟୋ, ଜିରାଗୁଣ୍ଡ ଏବଂ ଧନିଆ ଗୁଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ କଟା ଜହ୍ନି ପକାଇ ୨ ଚାମଚ ଗରମ ମସଲା ପକାନ୍ତୁ। ଏହାକୁ ଭଲ ଭାବେ ଘାଣ୍ଟି ୫ ମିନିଟ୍ ପର୍ଯ୍ୟନ୍ତ ଢାଙ୍କୁଣୀ ଦେଇ ଦିଅନ୍ତୁ। ଏହାପରେ ଢାଙ୍କୁଣି ଖୋଲି ସେଥିରେ ପୂର୍ବରୁ ଭଜା ହୋଇ ରହିଥିବା ଚିଙ୍ଗୁଡ଼ି ପକାଇ ଗୋଟେ କପ୍ ପାଣି ଦିଅନ୍ତୁ। ଏଥିରେ ୨ ଚାମଚ କଟା ଧନିଆ ପତ୍ର ଏବଂ ଗୋଟିଏ ଚାମଚ ଗରମ ମସଲା ପକାଇ ୧୦ ମିନିଟ୍ ଧିମା ଆଞ୍ଚରେ ଘୋଡେଇ ରଖନ୍ତୁ। ଶେଷରେ ଢାଙ୍କୁଣି ଖୋଲି ବଳକା ୧ ଚାମଚ କଟା ଧନିଆ ପତ୍ର ପକାଇ ଗରମ ଗରମ ପରଷି ଦିଅନ୍ତୁ।

– ରିପୋର୍ଟ: ହେମନ୍ତ ନାୟକ (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ମା ର୍କେ ଟ୍ ରେ ନୂ ଆ



## ମଣ୍ଟେକାର୍ଲୋର ନୂଆ କଲେକ୍ସନ

ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ମଣ୍ଟେ କାର୍ଲୋ ପକ୍ଷରୁ ଶରତ ଏବଂ ଶୀତ ଋତୁକୁ ଧ୍ୟାନରେ ରଖି ନୂଆ କଲେକ୍ସନ ବଜାରକୁ ଆସିଛି। ଏହା ମଧ୍ୟରେ ଆକର୍ଷକ କଲରଫୁଲ ଟପ୍ସ, ଟ୍ୟୁନିକ ଏବଂ ଟିଜର ରହିଛି। କମ୍ପାନୀର ପ୍ରି ୱିଣ୍ଟର ୨୦୧୮ କଲେକ୍ସନ ମଧ୍ୟରେ ଭିଭିଡ୍, ଫୁଲ ସ୍ଲିଭ୍ ଟିଜ୍, ଟପ୍ସ ଏବଂ ଟ୍ୟୁନିକ୍ ଭଳି ବିଭିନ୍ନ ବର୍ଗରେ ପୋଷାକ ସାମିଲ ରହିଛି। ଏହି କଲେକ୍ସନଗୁଡିକ ଆରାମଦାୟକ ଫ୍ୟାବ୍ରିକ, ଷ୍ଟାଇଲିସ୍ ଡିଜାଇନ୍ ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। କଲେକ୍ସନଗୁଡିକ କମ୍ପାନୀର ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ମଲ୍ଟି ବ୍ରାଣ୍ଡ ଆଉଟଲେଟଗୁଡିକରେ ଉପଲବ୍ଧ ହେବ। ଏହା କମ୍ପାନୀର ଅଫିସିଆଲ ଅନଲାଇନ୍ ଷ୍ଟୋରରେ ମଧ ଉପଲବ୍ଧ । ଗ୍ରାହକଙ୍କ ବଜେଟ୍‌କୁ ସୁହାଇଲା ଭଳି ନୂଆ କଲେକ୍ସନ ବଜାରକୁ ଆଣିଥିବା ମଣ୍ଟେକାର୍ଲୋର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମୋନିକା ଓସୱାଲ ସୂଚନା ଦେଇଛନ୍ତି।

## ହିରୋ ମୋଟୋକର୍ପର ନୂଆ ୧୨୫ ସିସି ସ୍କୁଟର

ବିଶ୍ୱର ସର୍ବବୃହତ୍ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଏହାର ନୂଆ ସ୍କୁଟର ଡେଷ୍ଟିନି ୧୨୫କୁ ବଜାର ପ୍ରବେଶ କରାଇଛି। ଏହି ନୂଆ ମଡେଲ ୧୨୫ ସ୍କୁଟର ସେଗମେଣ୍ଟରେ କମ୍ପାନୀର ଉପସ୍ଥିତିକୁ ଦୃଢୀକରଣ କରିବାରେ ସହାୟକ ହେବ ବୋଲି ହିରୋ ମୋଟୋକର୍ପ ପ୍ରକାଶ କରିଛି। ଏହାର ଏଲ୍ଏକ୍ସ ଭାରିଆଣ୍ଟର ବଜାର ଦର ୫୪,୬୫୦ ଟଙ୍କା ଏବଂ ଭିକ୍ସ ଭାରିଆଣ୍ଟ ପାଇଁ ଦର ୫୭,୫୦୦ ଟଙ୍କା ରହିଛି। ଆଗାମୀ କିଛି ସପ୍ତାହ ମଧ୍ୟରେ ସାରା ଦେଶର ରିଟେଲ ଆଉଟଲେଟଗୁଡିକରେ ଏହା ଉପଲବ୍ଧ ହେବ। ନୂଆ ମଡେଲରେ ଗ୍ରାହକମାନେ ଷ୍ଟାଇଲ, ପାୱାର, ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ। ଏଥିରେ ଷ୍ଟାର୍ଟ-ଷ୍ଟପ୍-ସିଷ୍ଟମ ରହିଛି। ସେହିଭଳି ହିରୋର ଯୁଗାନ୍ତକାରୀ ଆଇ୩ ଏସ୍ ଟେକ୍ନୋଲୋଜି ବୈଶିଷ୍ଟ୍ୟ ଏଥିରେ ଗ୍ରାହକମାନେ ଲାଭ କରିପାରିବେ। ପ୍ରିମିୟମ ସେଗ୍‌ମେଣ୍ଟରେ ଗ୍ରାହକଙ୍କୁ ଉନ୍ନତ ପ୍ରଡକ୍ଟ ଯୋଗାଣକୁ ଧ୍ୟାନରେ ରଖି ଏଭଳି ମଡେଲ ବଜାର ପ୍ରବେଶ କରାଇଛୁ ବୋଲି ହିରୋ ମୋଟୋକର୍ପ ଲିମିଟେଡର ଚିଫ୍ ଟେକ୍ନୋଲୋଜି ଅଫିସର ମାର୍କସ ବ୍ରନସ୍ୱରଜର କହିଛନ୍ତି।






## ଲିନେନ କ୍ଲବର ଫେଷ୍ଟିଭ୍ କଲେକ୍ସନ

ଲିନେନ କ୍ଲବ ପକ୍ଷରୁ ନୂଆ ଫେଷ୍ଟିଭ କଲେକ୍ସନ ବଜାରକୁ ଆସିଛି। ଏହି କଲେକ୍ସନଗୁଡିକ ପାର୍ବଣରେ ଏକ ଆକର୍ଷକ ଲୁକ୍ ପ୍ରଦାନ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଫେଷ୍ଟିଭ୍ ଜ୍ୟାକେଟ, ଇଣ୍ଡୋ ୱେଷ୍ଟର୍ନ ସୁଟ, ସେରୱାନି ଭଳି ଅନ୍ୟାନ୍ୟ କଲେକ୍ସନ ସାମିଲ ରହିଛି। ଏହି କଲେକ୍ସନଗୁଡିକରେ ଗ୍ରାହକମାନେ ଲକଜ୍ୟୁରି ସହ ଆରାମ ଲାଭ କରିବାକୁ ସକ୍ଷମ ହେବେ। ଦୀର୍ଘ ୫ ଦଶନ୍ଧି ଧରି ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଏହାର ବର୍ତ୍ତମାନ ୧୭୮ ବ୍ରାଣ୍ଡ ଆଉଟଲେଟ ରହିଛି। ୫୦୦୦ରୁ ଅଧିକ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ କମ୍ପାନୀ ଏହାର ଉପସ୍ଥିତିକୁ ଜାହିର କରିବାକୁ ସକ୍ଷମ ହୋଇଛି।

# ସେଲ୍ଫି କର୍ଣର

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ସୌମ୍ୟ




@ ଜ୍ୟୋତି




@ ବିଭୂତି



@ ଆଶୁତୋଷ



@ ଗଜେନ୍ଦ୍ର



@ ଆକାଶ



@ ଅମିତ



@ ଗୋପୀ



@ ସୁଦୀପ୍ତ



@ ତୁଷାର



@ ଭକ୍ତ



@ ବିଧାନ



@ ଭବାନୀ

# ଡ୍ରିମ୍ ଗର୍ଲ କଳ୍ପାଶା

ବାଲେଶ୍ୱର ସହରର ଝିଅ କଳ୍ପାଶା ଅଙ୍କିତା ଶ'। ମିସ୍ ବାଲେଶ୍ୱର, ମିସ୍ ଓଡ଼ିଶା ପରଫେକ୍ଟ ଏବଂ ମିସ୍ ଫଟୋଜେନିକ୍ ଇଣ୍ଡିଆ ଟାଇଟଲ ପାଇବା ପରେ ଆଗକୁ ଆଗକୁ ସଫଳତାର ଶିଢି ଚଢି ଚାଲିଛନ୍ତି। କମ୍ପ୍ୟୁଟରରେ ବିଟେକ୍ ଏବଂ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସମାଜରେ ଅବହେଳିତ ପିଲାଙ୍କୁ ଶିକ୍ଷାରେ ନିପୁଣ କରି ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ କାର୍ଯ୍ୟ କରି ଜଣେ ସମାଜସେବୀ ଭାବରେ ପରିଚିତି ହାସଲ କରିଛନ୍ତି। 'ଅଙ୍କିତା ଶ ଫାଉଣ୍ଡେଶନ' ନାମକ ଅନୁଷ୍ଠାନ ଗଠନ କରି ଅନେକ ଅସହାୟଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ବହୁମୁଖୀ ପ୍ରତିଭାର ଅଧିକାରୀ କଳ୍ପାଶା ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ଆୟୋଜିତ ବିୟୁଟି କଣ୍ଟେଷ୍ଟରେ ଅଂଶଗ୍ରହଣ କରି ବିଜେତା ମୁକୁଟ ପିନ୍ଧିଛନ୍ତି। କେତେକ ନାମୀଦାମୀ କମ୍ପାନୀର ବ୍ରାଣ୍ଡ ଆମ୍ବାସଡ଼ର ହେବା ପରେ ଏବେ ଅଷ୍ଟ୍ରେଲିଆ ଜାତୀୟ ଆର୍ଟ ଗ୍ୟାଲେରୀରେ 'ଡ୍ରିମ୍ ଗର୍ଲ' ଭାବେ ତାଙ୍କ ପୋଟ୍ରେଟ୍ ସ୍ଥାନ ପାଇଛି। ଚିତ୍ରଶିଳ୍ପୀ ଲେନ୍ ଗୁନ୍ଦ୍ରେ 'ଡ୍ରିମଗର୍ଲ' ପୋଟ୍ରେଟ ପ୍ରସ୍ତୁତ କରିଛନ୍ତି। ନିକଟ ଭବିଷ୍ୟତରେ କଳ୍ପାଶା ଦିଲ୍ଲୀସ୍ଥିତ 'ୱିଙ୍ଗ୍ସ ଟୁ ଫ୍ଲାଏ' ଫାଉଣ୍ଡେଶନ୍‌ର ବ୍ରାଣ୍ଡ ଆମ୍ବାସଡ଼ର ଭାବରେ ନିଯୁକ୍ତି ପାଇବେ ବୋଲି ଜାଣିବାକୁ ମିଳିଛି।

ସୌନ୍ଦର୍ଯ୍ୟ ସାଙ୍ଗକୁ ବୁଦ୍ଧିମତା, କର୍ତ୍ତବ୍ୟନିଷ୍ଠା ଏବଂ ଏକାଗ୍ରତା ତାଙ୍କ ସଫଳତାର ରହସ୍ୟ ବୋଲି ଅନେକ ମତ ଦେଇଥାନ୍ତି। ବାଲେଶ୍ୱର ସହର ତେଲେଙ୍ଗାସାହି ଅଞ୍ଚଳରେ ରହୁଥିବା ଶିକ୍ଷୟିତ୍ରୀ ରଶ୍ମି ଦାସ ଏବଂ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ଶ'ଙ୍କ ଝିଅ କଳ୍ପାଶା ଏଭଳି କୃତିତ୍ୱ ହାସଲ କରି ଅଞ୍ଚଳର ଗୌରବ ବଢାଇଛନ୍ତି। ନିଜ ରାଜ୍ୟ କିମ୍ବା ଦେଶ ନୁହେଁ ସମଗ୍ର ବିଶ୍ୱ ପାଇଁ ସେ ଏବେ ପାଲଟିଛନ୍ତି 'ଡ୍ରିମ ଗର୍ଲ'। କଳ୍ପାଶା କହନ୍ତି, ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ରଖି କାର୍ଯ୍ୟ କଲେ ସଫଳତା ମିଳିପାରିବ। ପିଲାଟିବେଳୁ ଏହି ଧାରଣା ନେଇ ସେ କାର୍ଯ୍ୟ କରି ଆସୁଛନ୍ତି। ପାଠ ପଢୁଥିବା ସମୟରେ ସେ କଳା ପ୍ରତି ରୁଚି ରଖି ପ୍ରଥମେ ନୃତ୍ୟ ପରିବେଷଣ ଆରମ୍ଭ କରିଥିଲେ। ନୃତ୍ୟ କଲା ବେଳେ ନିଜ ପକେଟ୍ ମନିରୁ କିଛି କିଛି ଅର୍ଥ ସଂଗ୍ରହ କରି ଅସହାୟଙ୍କୁ ସାହାଯ୍ୟ କରିବାକୁ ମନ ବଳାଇଥିଲେ। ମା'ବାପାଙ୍କ ପ୍ରେରଣା ତାଙ୍କୁ ଉତ୍ସାହିତ କରିଥିଲା। 'ଅଙ୍କିତା ଶ ଫାଉଣ୍ଡେଶନ' ଗଠନ ପରେ ସେ ଆଗକୁ ବଢିବାର ବାଟ ପାଇଛନ୍ତି। ଅର୍ଥାଭାବରୁ ଶିକ୍ଷାଗତ ଯୋଗ୍ୟତାରୁ ବଞ୍ଚିତ ହେଉଥିବା ପିଲାଙ୍କୁ ସାକ୍ଷର କରିବା, ବିବାହ ହୋଇପାରୁ ନ ଥିବା ଗରିବ ଝିଅଙ୍କୁ ସାହାଯ୍ୟ କରିବା, ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଉଥିବା ଅସହାୟଙ୍କୁ ମାଗଣାରେ ଆଇନଗତ ସହାୟତା ଦେବା ଭଳି କେତେକ କାର୍ଯ୍ୟ ହାତକୁ ନେଇଛନ୍ତି। ଚଳିତବର୍ଷ ବାଲେଶ୍ୱରରେ ସେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିଛନ୍ତି। ଆଉ ସେ ନିଜେ ଏକ ଡ୍ୟାନ୍ସ ଏକାଡ଼େମୀ ପ୍ରତିଷ୍ଠା କରି ନୃତ୍ୟଶିକ୍ଷା ମଧ୍ୟ ଦେଉଛନ୍ତି।

କଳ୍ପାଶା କହନ୍ତି, 'ଫ୍ୟାଶନ ଦୁନିଆ ସହ ନିଜକୁ ଅପ୍‌ଡ଼େଟ ରଖିବା ଲାଗି ପୂର୍ବରୁ ସେ କେବେ ଆଗ୍ରହୀ ନ ଥିଲେ। ତାଙ୍କ ପ୍ରତିଭାକୁ ସାଙ୍ଗମାନେ ଚିହ୍ନି ଏ ଦିଗରେ ଆଗକୁ ବଢ଼ିବା ସକାଶେ ଉତ୍ସାହିତ କରିଥିଲେ। ବିୟୁଟି କଣ୍ଟେଷ୍ଟରେ ଭାଗ ନେଇ ସଫଳତା ପାଇବାର ଶ୍ରେୟ ସାଙ୍ଗମାନଙ୍କୁ ହିଁ ଦେବି।' ଫ୍ୟାଶନ ଡିଜାଇନିଂ କୋର୍ସ ପ୍ରତି ଆଗ୍ରହ ଥିବାରୁ ସେ କିଛିଦିନ କଲିକତାରେ ରହିଥିଲେ। ଅର୍ଥାଭାବରୁ କ୍ରିକେଟ ଖେଳରୁ ବଞ୍ଚିତ କେତେଜଣ ଉତ୍ସାହୀ କ୍ରୀଡ଼ାବିତ୍‌ଙ୍କ ସମ୍ପର୍କରେ ଜାଣିବାକୁ ପାଇ ସେମାନଙ୍କୁ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଏକ କ୍ରିକେଟ୍ ଟିମ୍ ଗଠନ କରିଥିଲେ। ବର୍ତ୍ତମାନ ଏହି ଟିମ୍ ବିଭିନ୍ନ ସ୍ଥାନରେ ଭଲ କ୍ରୀଡା ପ୍ରଦର୍ଶନ କରୁଥିବା ସେ କହିଛନ୍ତି। ଏଭଳି ବିଭିନ୍ନ ଯୋଜନା ହାତକୁ ନେଇ ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରି କଳ୍ପାଶା କେବଳ ବାଲେଶ୍ୱର ନୁହେଁ, ବିଭିନ୍ନ ଅଞ୍ଚଳରେ ଲୋକପ୍ରିୟତା ହାସଲ କରି ଯୁବପିଢି ପାଇଁ ଆଦର୍ଶ ସାଜିଛନ୍ତି।

ରିପୋର୍ଟ: **ମାନସ ବିଶ୍ୱାଳ**

## 'ୱିଙ୍ଗ୍ସ ଟୁ ଫ୍ଲାଏ' ଫାଉଣ୍ଡେସନ୍‌ର ହେବେ ବ୍ରାଣ୍ଡ ଆମ୍ବାସଡ଼ର



ପ୍ରସିଦ୍ଧ ଚିତ୍ରଶିଳ୍ପୀ ଲେନ୍ ଗୁନ୍ଦ୍ରେଙ୍କ ଦ୍ୱାରା କଳ୍ପାଶା ଙ୍କ ଫଟୋଚିତ୍ର ଅଙ୍କନ

## ବହୁମୁଖୀ ପ୍ରତିଭା

ବହୁମୁଖୀ ପ୍ରତିଭାର ଅଧିକାରୀ କଳ୍ପାଶା ଛାତ୍ରୀ ଜୀବନରୁ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର ସାମାଜିକ କର୍ମୀ ଭାବେ ତାଙ୍କୁ ଛାତ୍ର ଗୌରବ ସମ୍ମାନ-୨୦୧୦, ଶ୍ରେଷ୍ଠ ଛାତ୍ର ସମାଜସେବୀ-୨୦୧୨, ୟୁଥ୍ ଆଇକନ୍ ଆୱାର୍ଡ଼-୨୦୧୩, ବେଷ୍ଟ ପ୍ରତିଭା ସମ୍ମାନ-୨୦୧୩, ବିପଦର ବନ୍ଧୁ ସମ୍ମାନ-୨୦୧୨, ୨୦୧୫ରେ ବେଷ୍ଟ ସୋସିଆଲ ଆକ୍ଟିଭିଟିଜ୍ ଆୱାର୍ଡ଼ ଏବଂ ବେଷ୍ଟ ସୋସିଆଲ ୱାର୍କ ଆୱାର୍ଡ଼ ମିଳିଛି। ବିଭିନ୍ନ ଅନୁଷ୍ଠାନ ତଥା ସଂସ୍ଥା ପକ୍ଷରୁ ଆୟୋଜିତ ବିୟୁଟି କଣ୍ଟେଷ୍ଟରେ ଅଂଶଗ୍ରହଣ କରି ସେ ମିସ୍ ବାଲେଶ୍ୱର-୨୦୧୨, ମିସ୍ ଫଟୋଜେନିକ୍ -୨୦୧୩, ମିସ୍ ଓଡ଼ିଶା ପରଫେକ୍ଟ-୨୦୧୩ ପୁରସ୍କାର ହାସଲ କରିଛନ୍ତି ସେ।



ଅଷ୍ଟ୍ରେଲିଆ ଜାତୀୟ ଆର୍ଟ ଗ୍ୟାଲେରିରେ 'ଡ୍ରିମ୍ ଗର୍ଲ' ଭାବେ ସ୍ଥାନିତ କଳ୍ପାଶା ଅଙ୍କିତା ଶ'ଙ୍କ ଫଟୋଚିତ୍ର

## 'ବାଲେଶ୍ୱର ସୁନ୍ଦରୀ' ଟାଇଟଲ ବଢ଼ାଇଲା ବିଶ୍ୱାସ

'ଡ୍ରିମଗର୍ଲ' କଳ୍ପାଶା ଏବେ ଯୁବପିଢି ପାଲଟିଛନ୍ତି ରୋଲ ମଡେଲ। ବାଲେଶ୍ୱର ମାଟିର ଏହି ଝିଅ ପ୍ରତିଭା ପ୍ରଦର୍ଶନ କରି ଦେଶ ବିଦେଶରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା କଳ୍ପାଶା ଧରିତ୍ରୀ ସହ ଆଳାପ ବେଳେ କହି ବସିଥିଲେ ତାଙ୍କ ଅନୁଭୂତି, ବ୍ୟକ୍ତିଗତ ଜୀବନ ଓ ମନର ଭାଷା। କହିଥିଲେ, ସେ ଇଞ୍ଜିନିୟରିଂ ପଢୁଥିବା ସମୟରେ 'ବାଲେଶ୍ୱର ସୁନ୍ଦରୀ' ପ୍ରତିଯୋଗିତା ହୋଇଥିଲା। ମଡ଼େଲିଂ ବିଷୟରେ ତାଙ୍କୁ ବେଶୀ କିଛି ଜଣା ନ ଥିଲା। ସାଙ୍ଗମାନେ ଉତ୍ସାହିତ କରିବାରୁ ପ୍ରତିଯୋଗିତାରେ ଭାଗ ନେଇ ଅନ୍ୟ ପ୍ରତିଯୋଗୀଙ୍କୁ ସାମ୍ନା କରି ଟାଇଟଲ ହାସଲ କରିଥିଲେ। ଇଚ୍ଛାଶକ୍ତି ଥିଲେ ଅନେକ କଷ୍ଟକର କାମ ସହଜରେ କରିହେବ ଏଭଳି ବିଶ୍ୱାସ ତାଙ୍କ ମନ ଭିତରେ ସୃଷ୍ଟି ହୋଇଥିଲା। ମଣିଷର ବିଚାର ଏବଂ ଚିନ୍ତା ଯୁକ୍ତାତ୍ମକ ହୋଇଥିଲେ ସଫଳତାର ରାସ୍ତା ଆପେ ଫିଟିଯାଏ। ସମୟର ଯିଏ ସଦୁପଯୋଗ କରେ ସଫଳତା ତାଙ୍କ ପାଇଁ ଅଧିକ ସହଜ ହୁଏ।

ମା' ଓ ବାପା ତାଙ୍କ ପ୍ରେରଣାର ଉତ୍ସ। ବିଭିନ୍ନ ବ୍ୟକ୍ତିତ୍ୱଙ୍କ ମହନୀୟ ଗୁଣାବଳୀ ତାଙ୍କୁ ଅନୁପ୍ରାଣିତ କରିଛି। ମଧୁବାଲା, କରୀନା କପୁର ଏବଂ ମିସେଲ ଓବାମା ତାଙ୍କର ପ୍ରିୟ। ଘରେ ମା'ଙ୍କ ହାତ ରନ୍ଧା ବିରିୟାନି ପ୍ରତି ତାଙ୍କର ଦୁର୍ବଳତା ରହିଛି। ବିଭିନ୍ନ ଋତୁକାଳୀନ ଫଳ ଖାଇବାକୁ ଭଲ ପାଅନ୍ତି। ପ୍ରତିଦିନ ସବୁଜ ସେଓ ଖାଇଥାନ୍ତି। ମିଠା ଭିତରେ ରସ୍‌ମଲେଇ, ମୋତିଲଡୁ ପ୍ରିୟ। ଓଡ଼ିଶୀ ନୃତ୍ୟ କରିବାକୁ ଭଲପାଆନ୍ତି। କବିତା ଲେଖାରେ ବି ତାଙ୍କର ସମୟ ବିତେ। ସୁଯୋଗ ଆସିଲେ ସପରିବାର ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ସମୁଦ୍ର ବେଳାଭୂମିରେ ସମୟ ବିତାଇବାକୁ ପ୍ରୟାସ କରିଥାନ୍ତି। ଅବସର ପାଇଲେ ଅନାଥ ପିଲାଙ୍କ ସହିତ ମିଶିବାକୁ ଭଲ ପାଆନ୍ତି ବୋଲି ସେ କହିଥିଲେ। ଭବିଷ୍ୟତ ଯୋଜନା ବିଷୟରେ କଳ୍ପାଶା କହିଥିଲେ, 'ଅଙ୍କିତା ଶ ଫାଉଣ୍ଡେଶନ ଜରିଆରେ ଗରିବ ପିଲା ଓ ମହିଳାଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛି। ଆଗକୁ ଏହି ଉଦ୍ୟମ ଜାରି ରଖିବି'। ତେବେ ଗରିବ ଝିଅଙ୍କୁ ଶିକ୍ଷିତ କରାଇ ବିବାହ କରାଇ ଦେବା ଲାଗି ତାଙ୍କର ଅଭିଳାଷ ରହିଛି।

**ଅନ୍ତରଙ୍ଗ ଆଳାପ**






ମୋ ଅନୁଭୂତି

# ମୋଦିଙ୍କ ଟୁଇଟ୍

## ମୋ ପାଇଁ ପ୍ରେରଣାଥିଲା

୨୦୧୪ ଡିସେମ୍ବର ୭ ତାରିଖ। ଦକ୍ଷିଣଆଫ୍ରିକା ମାଟିରେ ଭାରତ ତା'ର ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ହରାଇ ଏକଦିବସୀୟ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍ ବିଜୟୀ ହେଲା। ଭାରତୀୟ ଦଳରେ ଓଡ଼ିଆ ଖେଳାଳି ଭାବେ ମୁଁ ଖେଳିବାର ଗୌରବ ଅର୍ଜନ କରିଥିଲି। ୮ ତାରିଖରେ ଆମେ ଭାରତ ଫେରିଲୁ। ଏହା ପରଦିନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନରେନ୍ଦ୍ର ମୋଦି ଆମକୁ ଭେଟିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ପହଞ୍ଚିବା ପରେ ସମସ୍ତଙ୍କୁ ମୋଦି ଭେଟିଥିଲେ ଓ ବ୍ୟକ୍ତିଗତ ଭାବେ କିଛି ସମୟ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ମୋ ପାଖକୁ ଆସି କରମର୍ଦ୍ଦନ କରିବା ବେଳେ ମୁଁ ଓଡ଼ିଶାବାସୀ ବୋଲି ଜାଣି ଖୁସି ହୋଇଥିଲେ। ସେ ମୋତେ ପଚାରିଥିଲେ ଖେଳ ଜୀବନ ବାଦ୍, ଆଗାମୀ ଦିନରେ କ'ଣ ହେବାକୁ ଲକ୍ଷ୍ୟ ରଖିଛ ? ଏହାର ଉତ୍ତରରେ ମୁଁ ଜଣେ ଶିକ୍ଷକ ହେବି ବୋଲି କହିଥିଲି ଓ ପ୍ରଧାନମନ୍ତ୍ରୀ ଏହାକୁ ଟୁଇଟ୍ ମଧ୍ୟ କରିଥିଲେ, ଯାହା ମୋତେ ବହୁମାତ୍ରାରେ ପ୍ରେରଣା ଦେଇଥିଲା। ଏହାଛଡ଼ା ସେହି କିଛି ମୁହୂର୍ତ୍ତ ଭେଟ ସମୟରେ ମୋଦିଙ୍କ ସହ ସିଙ୍ଗିଲ ଫଟୋ ଉଠାଇବାକୁ ମୁଁ ପ୍ରଥମେ ତାଙ୍କୁ କହିଥିଲି। ପରେ ସମସ୍ତେ ମୋଦିଙ୍କ ସହ ସିଙ୍ଗିଲ ଫଟୋ ଉଠାଇଥିଲୁ। ଏହା ହେଉଛି ରାଜ୍ୟ ଦୃଷ୍ଟିହୀନ କ୍ରିକେଟର ବେଶ୍ ପରିଚିତ ଚେହେରା ଜାଫର ଇକ୍ବାଲଙ୍କ ଅନୁଭୂତିର କିଛି କଥା। ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ୨୦୧୨ରେ ପ୍ରଥମ ଟି-୨୦ ବିଶ୍ୱକପ୍, ୨୦୧୪ରେ ୪ର୍ଥ ଏକଦିବସୀୟ ବିଶ୍ୱକପ୍, ୨୦୧୬ରେ ପ୍ରଥମ ଟି-୨୦ ଏସିଆ କପ୍, ୨୦୧୭ରେ ୨ୟ ଟି-୨୦ ବିଶ୍ୱକପ୍ ଓ ୨୦୧୮ରେ ୫ମ ଏକଦିବସୀୟ ବିଶ୍ୱକପ୍ ବିଜୟୀ ହୋଇଛି। ଗତ କିଛି ବର୍ଷରେ ଭାରତ ଏହି ୫ଟି ଟାଇଟଲ ବିଜୟୀ ହୋଇଥିବା ବେଳେ ଜାଫର ଏହାର ସଦସ୍ୟ ଅଛନ୍ତି। ଏହାଛଡ଼ା ଜାତୀୟ ଦଳରେ ନିୟମିତ ଖେଳାଳି ଭାବେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ ମଧ୍ୟ କରୁଛନ୍ତି। କିଛି ଦିନ ତଳେ ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ଭାରତ-ଶ୍ରୀଲଙ୍କା ଏକଦିବସୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌ରେ ମଧ୍ୟ ସେ ଖେଳୁଥିଲେ।

ଜନ୍ମରୁ ଦୃଷ୍ଟିହୀନ ଜାଫର ନିଜକୁ କ୍ରିକେଟ ଜଗତରେ ଜଡ଼ିତ ରଖିବା ସହ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ପାଇଁ ଆଦର୍ଶଭାବେ ପରିଗଣିତ ମଧ୍ୟ ହୁଅନ୍ତି। ପିଲାବେଳେ ପ୍ଲାଷ୍ଟିକ ଡବା ଓ ବାଡି ଧରି କ୍ରିକେଟ ଖେଳୁଖେଳୁ ଜାଫର ଏବେ ଭାରତ ଜର୍ସିରେ ଚମକୁଛନ୍ତି। ବାପା ସେକ୍ ଆବାସ, ମା' ସମିମା ପରୱିନ ତାଙ୍କୁ କ୍ରିକେଟ ଖେଳପ୍ରତି ସବୁବେଳେ ଉତ୍ସାହିତ କରିଥିଲେ ବୋଲି ଜାଫର କୁହନ୍ତି। ଜଣେ ଦୃଷ୍ଟିହୀନ ବୋଲି ପିଲା ଦିନେ ଯେଉଁ ଦୁଃଖ ଥିଲା ତାହାକୁ ନିଜ ଉଦ୍ୟମ ବଳରେ ଦୂର କରିପାରିଛନ୍ତି ବୋଲି ସେ କହିଥିଲେ। ନିଜର ଆଉ ଏକ ଅନୁଭୂତିରୁ ଜାଫର କୁହନ୍ତି, ଭାରତୀୟ ଦଳରେ ସାମିଲ ହେବା ପରେ ଲୋକେ ଅଳ୍ପବହୁତ ଜାଣିବାକୁ ଲାଗିଲେ। ଥରେ ଭୁବନେଶ୍ୱରରେ ଏକ ବାଇକ ପଛରେ ବସି ଯାଉଥାଏ। ମୋତେ ଜଣେ ଲୋକ ଏଜି ଛକ ନିକଟରେ ଦେଖିଲେ। ମୁଁ ଭାରତୀୟ ଦୃଷ୍ଟିହୀନ ଦଳର ଖେଳାଳି ବୋଲି ଜାଣି ମୋତେ ପିଛା କରିବାକୁ ଲାଗିଲେ। ଶେଷରେ ରାମମନ୍ଦିର ଟ୍ରାଫିକ ନିକଟରେ ମୋ ସହ କଥା ହେଲେ। ବେଳେବେଳେ ଏଭଳି କିଛି ମୁହୂର୍ତ୍ତ ବହୁତ ଖୁସି ଦିଏ ବୋଲି ଜାଫର କହିଛନ୍ତି। ୨୦୧୭ରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ମ୍ୟାଚ୍ ଖେଳୁଥିବାବେଳେ ଶହଶହ ଦର୍ଶକ ସେଲ୍‌ଫି ନେବା ପାଇଁ ଭିଡ଼ ଲଗାଇଥିଲେ ତାହା ମଧ୍ୟ ଏକ ବିଶେଷ ଅନୁଭୂତି। ରାଜ୍ୟରେ ଦୃଷ୍ଟିହୀନ କ୍ରିକେଟର ବିକାଶ ପାଇଁ ଚେଷ୍ଟା କରୁଥିଲି ଓ କରିବି ବୋଲି ଜାଫର କୁହନ୍ତି।

– ରିପୋର୍ଟ: କୁମାରଶ୍ରୀ ସାହୁ

# ମୁଁ ଡାକ୍ତର ବୋଲି ରୋଗୀ ଚିହ୍ନିପାରି ନ ଥିଲେ

ନିଜ କଥା

୧୯୯୭ କଥା। ଡିଏମ୍(ଉପାଧ୍ୟୁତ୍ତର) ଶେଷ କରିବା ପରେ ସମ୍ବଲପୁରର ବୁର୍ଲା ମେଡିକାଲ କଲେଜରେ ଜଣେ ଅଧାପକ ଭାବେ ଯୋଗଦେଇଥାଏ। ସେଠାକାର ଜଣେ ବରିଷ୍ଠ ପ୍ରଫେସର ମୋତେ ଡାକି କହିଲେ ବୁଲାବୁଲି ନ କରି ମୋ ଚାମ୍ବରରେ ସନ୍ଧ୍ୟା ବେଳିଆ ବସିବା ପାଇଁ। ମୁଁ ତାଙ୍କ କଥା ଅନୁଯାୟୀ, ତାଙ୍କ ଚ୍ୟାମ୍ବରରେ ବସିଥାଏ। ହଠାତ୍ ଜଣେ ରୋଗୀ ଆସି ପହଞ୍ଚିଲେ। ସମ୍ପୃକ୍ତ ପ୍ରଫେସର ଜଣକ ତାଙ୍କୁ ମୋ ପାଖକୁ ପଠାଇଥାନ୍ତି। ରୋଗୀଙ୍କ କିଡ୍‌ନୀରେ କିଛି ସମସ୍ୟା ଥାଏ। ରୋଗୀଙ୍କୁ ଦେଖିଥିଲି। ତାଙ୍କ ଶରୀରରେ ୧୦୪ ଡିଗ୍ରୀ ଫାରେନହାଇଟସ ତାପମାତ୍ରା ଥିବା ଦେଖିଲି। ରୋଗୀ ଜଣକ ମୋତେ ପଚାରିଲେ କେତେ ଜ୍ୱର ଅଛି। ମୁଁ ତାଙ୍କୁ ୧୦୪ କହିବା ପରେ ସେ ତୁରନ୍ତ ପ୍ରେସକ୍ରିପସନ ମାଗିଥିଲେ ଆଉ କହିଥିଲେ ଏତେ ଜ୍ୱର ଅଛି। ତେବେ ମୋତେ ଡାକ୍ତର ଦେଖାଇବାକୁ ପଡିବ। ଏହା କହି ସେ ସମ୍ପୃକ୍ତ ପ୍ରଫେସରଙ୍କ ପାଖକୁ ପଳାଇଥିଲେ। ପ୍ରଫେସର ତାଙ୍କୁ ପୁଣି କାହିଁକି ଆସିଲ ବୋଲି ପଚାରିବା ସହ ତୁମ କିଡ୍‌ନୀରେ ସମସ୍ୟା ଅଛି, ତେଣୁ ତୁମକୁ ମୁଁ କିଡ୍‌ନୀ ଡାକ୍ତରଙ୍କ ପାଖକୁ ପଠାଇଥିଲି ବୋଲି କହିଥିଲେ। ହେଲେ ରୋଗୀ ଜଣକ ବିଚିତ୍ର ଉତ୍ତର ଦେଇଥିଲେ। କହିଥିଲେ ତାଙ୍କ(ମୋ) ନେମ୍ ପ୍ଲେଟରେ ପ୍ରଥମେ ଏମ୍‌ଡି ଓ ପରେ ଡିଏମ ଲେଖାଯାଇଛି। ତେଣୁ ମୁଁ ଭାବିଲି ଭଲ ଏମଡି ନ ହୋଇ ପାରିବାରୁ ତାଙ୍କୁ ପୁଣି ଡିଏମ୍‌କୁ ଫେରାଇ ଦିଆଯାଇଛି। ପ୍ରଫେସର ଜଣକ ରୋଗୀଙ୍କ ଉପରେ ବିରକ୍ତ ହୋଇ ପୁନର୍ବାର ମୋ ପାଖକୁ ଫେରାଇ ଦେଇଥିଲେ। ତାଙ୍କୁ ଚିକିତ୍ସା କରି ଭଲ କରିଥିଲି। ଏହି କଥା କହିଛନ୍ତି, ଏସ୍‌ସିବି ମେଡ଼ିକାଲର ନେଫ୍ରୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ପ୍ରଫେସର ଡା. ଚିତ୍ତରଞ୍ଜନ କର। ୧୯୬୩ ଅଗଷ୍ଟ ୨୩ରେ ସୁନ୍ଦରଗଡ଼ରେ ଜନ୍ମଗ୍ରହଣ କରିଥିବା ଡାକ୍ତର କର ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ପରିଚିତ। ସମ୍ପ୍ରତି କିଡ୍‌ନୀ ରୋଗର କାରଣ ଓ ନିରାକରଣ ଉପରେ ଡାକ୍ତର କର ଗବେଷଣାରତ। ଡାକ୍ତର କରଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।



**✪ ପ୍ରଥମ ଦରମା କ'ଣ କରିଥିଲେ?**
୧୯୯୧ରେ ଅନୁଗୋଳର ପବିତ୍ରନଗର ଡାକ୍ତରଖାନାରେ ପ୍ରଥମେ ଡାକ୍ତର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ପ୍ରଥମ ଦରମା ଟଙ୍କାରୁ ୬୦୦ଟଙ୍କା ଦେଇ ମା ପାଇଁ ଶାଢ଼ି କିଣିଥିଲି।

**✪ ସିନେମା ଦେଖନ୍ତି?**
ଆଗରୁ ବହୁତ ଦେଖୁଥିଲି। ଏବେ ଆଉ ସମୟ ପାଉନି। ଶେଷଥର ପାଇଁ ହଲରେ ବସି ଟାଇଟାନିକ ଚଳଚ୍ଚିତ୍ର ଦେଖିଥିଲି।

**✪ ଗୀତ ଶୁଣନ୍ତି?**
ହଁ, ଗୀତ ଶୁଣିବାକୁ ଭଲ ଲାଗେ। ହିନ୍ଦୀରେ ମୁକେଶ ଏବଂ ଓଡ଼ିଆରେ ଖୋକା ଭାଇ ମୋର ପସନ୍ଦର କଣ୍ଠଶିଳ୍ପୀ।

**✪ କେଉଁ ରଙ୍ଗକୁ ଭଲ ପାଆନ୍ତି?**
ନୀଳ ରଙ୍ଗ ମୋର ପସନ୍ଦ। ଏହି ରଙ୍ଗର ପୋଷାକ ମୋତେ ଭଲ ଲାଗିଥାଏ।

**✪ ରୋଷେଇ ଜାଣିଛନ୍ତି?**
ସବୁ ରୋଷେଇରେ ମୁଁ ପାରଙ୍ଗମ। ଭେଜ, ନନ୍‌ଭେଜ ପ୍ରସ୍ତୁତିରେ ଦକ୍ଷତା ରଖିଛି।

**✪ ଲଭ ନା ଆରେଞ୍ଜ ମ୍ୟାରେଜ?**
ମିଶାମିଶି କହିଲେ ଠିକ୍ ହେବ। ସୁମିତାଙ୍କୁ ମୁଁ ପୂର୍ବରୁ ଜାଣିଥିଲି। ସେ ଜଣେ ଆଇନ ଛାତ୍ରୀ ଥିଲେ। ପରିବାର ସମ୍ମତିକ୍ରମେ ୧୯୮୯ରେ ମୁଁ ତାଙ୍କୁ ବିବାହ କରିଥିଲି।

**✪ ବହି ପଢ଼ନ୍ତି?**
ବହୁତ ପଢ଼େ। ମେଡ଼ିକାଲ ବହି ସହିତ ଅନ୍ୟାନ୍ୟ ବହି ପଢ଼ିବାର ସଉକ ଅଛି। ଏବେ ରବିନ କୁକ୍‌ଙ୍କ ବହି 'ଆଉଟବ୍ରେକ୍' ପଢୁଛି।

**✪ ମାର୍କେଟିଂ କରନ୍ତି?**
ସମୟ ପାଏନା। ସେ ଦାୟିତ୍ୱ ସୁମିତାଙ୍କ ଉପରେ ଛାଡ଼ି ଦେଇଛି।

**✪ ସ୍ତ୍ରୀଙ୍କର କେଉଁ ଗୁଣ ଆପଣଙ୍କୁ ଭଲଲାଗେ?**
ତାଙ୍କର ପ୍ରାୟ ସବୁ ଗୁଣ ଭଲ। କିନ୍ତୁ ତାଙ୍କ ଧୈର୍ଯ୍ୟ ମୋତେ ବହୁମାତ୍ରାରେ ପ୍ରଭାବିତ କରିଛି।

**ଜୀବନର ଅଭୁଲା ସ୍ମୃତି?**
✪ ବୁର୍ଲାରେ ଅଧାପକ ଥିବା ସମୟରେ ଯେଉଁ ରୋଗୀ ଜଣକ ଡିଏମ୍ ଆଉ ଏମ୍‌ଡି ବୁଝି ନ ପାରି ମୋତେ ଡାକ୍ତର ବୋଲି ଚିହ୍ନି ପାରି ନ ଥିଲେ ସେ କଥାଟି ମୋର ସବୁଦିନ ପାଇଁ ମନେ ରହିବ।

ସାକ୍ଷାତ୍: ନିର୍ମଳ ପଣ୍ଡା

# ଲୋକଙ୍କ ଭଲପାଇବା ଥିଲେ କଣ୍ଠଶିଳ୍ପୀ ବଞ୍ଚିପାରିବ



## ଧରିତ୍ରୀ ଆଳାପ

**ଶଶାଙ୍କ ଶେଖର ସାହୁ ଓଡ଼ିଆ ସିନେ ଜଗତରେ ଜଣାଶୁଣା କଣ୍ଠଶିଳ୍ପୀ। 'ପ୍ରେମ୍ ୱେଡ୍ସ ପ୍ରିୟା' ଚଳଚ୍ଚିତ୍ର ଜରିଆରେ ନିଜ କ୍ୟାରିୟର ଆରମ୍ଭ କରିଥିବା ଶଶାଙ୍କ 'ଲଭ୍ ପାଇଁ କୁଛ୍‌ଭି କରେଗା', 'କିକ୍', 'ସମୟ ବଡ଼ ବଳବାନ', 'ହାପି ଲକି' ଭଳି ଅନେକ ସୁପରହିଟ୍ ଫିଲ୍ମରେ କଣ୍ଠଦାନ କରି ଶ୍ରୋତାଙ୍କ ମନ ଛୁଇଁ ପାରିଛନ୍ତି। 'ତୁ କହିବୁ ନା ମୁଁ' ଚଳଚ୍ଚିତ୍ରର 'ଦିନେ ଫୁଟିଥିଲା ଫୁଲ' ଗୀତ ପାଇଁ ସେ ପ୍ରଚ୍ଛଦପଟ ଗାୟକ ଭାବେ ରାଜ୍ୟ ପୁରସ୍କାର ପାଇଥିଲେ। ଓଡ଼ିଶାରେ ଦୁଇଟି ରିଆଲିଟି ଶୋ'ରେ ଭାଗ ନେଇ ରନର୍ସ ଅପ୍ ଓ ବିଜେତା ହୋଇଥିଲେ। ସେ ୟୁଟ୍ୟୁବ୍‌ରେ ୧୫ଟି କଭର ସଙ୍ଗ ଗାଇଛନ୍ତି। ଜାତୀୟ ଚ୍ୟାନେଲ 'କଲର୍ସ'ର ରିଆଲିଟି ଶୋ 'ରାଇଜିଂ ଷ୍ଟାର' (ସିଜନ୍-୨)ରେ ଭାଗନେଇ ଟପ୍ ୮କୁ ଯାଇଥିବା ଶଶାଙ୍କଙ୍କ ସହିତ 'ଧରିତ୍ରୀ'ର ଆଳାପ।**

-ସାକ୍ଷାତ୍: ଅସମାପିକା ସାହୁ

**■ସଙ୍ଗୀତ ଯାତ୍ରା କିପରି ଆରମ୍ଭ ହୋଇଥିଲା?**

ଛୋଟ ବେଳେ ସଙ୍ଗୀତ ପ୍ରତି ମୋର ଦୁର୍ବଳତା ଥିଲା। ସ୍କୁଲରେ ପାଠ ପଢ଼ିବା ସମୟରେ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଉଥିଲି। ସଙ୍ଗୀତରେ କ୍ୟାରିୟର କରିବା ଉଦ୍ଦେଶ୍ୟରେ ମୁଁ ୨୦୦୫ରେ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଲି। ସେଠି ମୁଁ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା ଗ୍ରହଣ କଲି। ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପିଜି କଲି।

**■ପ୍ରଥମ ଫିଲ୍ମ 'ପ୍ରେମ୍ ୱେଡ୍ସ ପ୍ରିୟା'ରେ ଗୀତ ଗାଇବାର ସୁଯୋଗ କେମିତି ପାଇଥିଲେ?**

୨୦୧୦ରେ ଏକ ରିଆଲିଟି ଶୋ'ରେ ଭାଗ ନେଇ ମୁଁ ରନର୍ସ ଅପ୍ ହୋଇଥିଲି। ସେହି ଶୋ'ରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଏକ ଫିଲ୍ମରେ ଗୀତ ଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ସେହି ଫିଲ୍ମରେ ଅନେକ ନୂଆ କଣ୍ଠଶିଳ୍ପୀ ଗୀତ ଗାଇଥିଲେ।

**■ରେକର୍ଡିଂର ପ୍ରଥମ ଦିନର ସ୍ମୃତି କିଭଳି ରହିଛି?**

ଷ୍ଟୁଡିଓରେ ଗୀତ ଗାଇବା ପରେ ଭଲ ପ୍ରଶଂସା ପାଇଥିଲି। ରେକର୍ଡିଂ ସାରି କଟକରୁ ମୁଁ ବସ୍‌ରେ ଫେରୁଥିଲି। ଆସିଲା ବେଳେ ଏତେ ଖୁସି ଲାଗୁଥିଲା ଯେ, ମନେ ମନେ ସେହି ଗୀତଟି ବୋଲୁଥିଲି।

**■ପ୍ରଚ୍ଛଦପଟ ଗାୟକ ଭାବେ ରାଜ୍ୟ ପୁରସ୍କାର ପାଇଥିଲେ। ସେ ସମୟରେ କିଭଳି ଅନୁଭବ କରିଥିଲେ ?**

ଗୀତଟି ବହୁତ ଭଲ ଥିଲା, ଯେଉଁଥିରେ ଖାଣ୍ଟି ଓଡ଼ିଆ କଥା ରହିଥିଲା। ଏକ ଭିନ୍ନ ସ୍ୱାଦର ଗୀତ ଥିଲା। ତେଣୁ ରାଜ୍ୟ ପୁରସ୍କାର ପାଇଁ ଚୟନ ହୋଇଥିଲା ଏବଂ ପାଇଥିଲି। ସେତେବେଳେ ଗୋଟେ ଅଲଗା ପ୍ରକାରର ଖୁସି ଲାଗିଥିଲା।

**■ଓଡ଼ିଶାରେ 'ସିଙ୍ଗିଙ୍ଗ ସୁପରଷ୍ଟାର'ର ବିଜେତା ହୋଇଥିଲେ, କିନ୍ତୁ କଲର୍ସ ଚ୍ୟାନେଲର 'ରାଇଜିଂ ଷ୍ଟାର'ରେ ଭାଗନେବା ପରେ ଅନେକ ଲୋକପ୍ରିୟ ପାଇଲେ। ଏ ସମ୍ପର୍କରେ କ'ଣ କହିବେ ?**

ପ୍ରତିଦିନ ଲୋକମାନେ ଅପ୍‌ଡେଟ୍ ରହୁଛନ୍ତି। ତେଣୁ ପ୍ରତ୍ୟେକ ସମୟରେ ଆମକୁ ଅପ୍‌ଡେଟ୍ ହେବାକୁ ପଡ଼ିବ। ସୋସିଆଲ ମିଡିଆ ହେଉ କି ଅନ୍ୟ କୌଣସି ମାଧ୍ୟମ, ଆମକୁ ଅପ୍‌ଡେଟ୍ ହେବାକୁ ପଡ଼ିବ। ତେଣୁ ମୁଁ ଭାବେ ଯେ 'ରାଇଜିଂ ଷ୍ଟାର' ମୋ ପାଇଁ ଏକ ମାଧ୍ୟମ ଥିଲା। ଏହାଛଡ଼ା ସେଥିରେ ମୋର ମଧ୍ୟ ବହୁତ ପରିଶ୍ରମ ଥିଲା।

**■'ରାଇଜିଂ ଷ୍ଟାର'ର କିଛି ଅଭୁଲା ସ୍ମୃତି ?**

'ରାଇଜିଂ ଷ୍ଟାର' ନାଁଟି ହିଁ ମୋ ପାଇଁ ସବୁବେଳେ ଚିରସ୍ମରଣୀୟ। କାରଣ ସେହି ମଞ୍ଚ ମୋତେ ବହୁତ ବଡ଼ ବଡ଼ ଲୋକଙ୍କୁ ଭେଟିବାର ସୁଯୋଗ ଦେଇଥିଲା। ସେମାନଙ୍କୁ ସାମ୍ନାସାମ୍ନି ଦେଖିବା ଓ ସେମାନଙ୍କଠାରୁ ମିଳିଥିବା ଶିକ୍ଷା ମୋ ପାଇଁ ଅବିସ୍ମରଣୀୟ।

**■ଜଣେ ପ୍ରଚ୍ଛଦପଟ ଗାୟକ ହେବା ପାଇଁ ରିଆଲିଟି ଶୋ ଜରୁରୀ ମନେ କରୁଛନ୍ତି କି ?**

ନାଁ ସେମିତି କିଛି ନୁହେଁ। ପ୍ରଥମ କଥା ହେଉଛି ତାହା ଭାଗ୍ୟ ଉପରେ ନିର୍ଭର କରେ। ଦ୍ୱିତୀୟ କଥା ହେଉଛି ନିଜକୁ ଜଣଙ୍କ ପାଖରେ ପହଞ୍ଚେଇବା ପାଇଁ ଏକ ମାଧ୍ୟମ ଦରକାର। ତେଣୁ ଆଜିକା ସମୟରେ ସେହି ମାଧ୍ୟମ ହେଉଛି ରିଆଲିଟି ଶୋ।

**■ୟୁଟ୍ୟୁବ୍‌ରେ ଅନେକ କଭର ସଙ୍ଗ ଗାଇଛନ୍ତି। ସେ ସମ୍ପର୍କରେ କ'ଣ କହିବେ?**

ୟୁଟ୍ୟୁବ୍‌ରେ ସମସ୍ତେ ହିନ୍ଦୀ ଗୀତ ଗାଆନ୍ତି। ଓଡ଼ିଆ ଆମ ଆଞ୍ଚଳିକ ଭାଷା ଓ ଏଥିରେ ବହୁତ ଭଲ ଗୀତ ରହିଛି। ତେଣୁ ଏଥିରେ କିଛି ପରିବର୍ତ୍ତନ କରି ଗାଇବାକୁ ଚେଷ୍ଟା କଲି। ପ୍ରଥମ ଗୀତ ପାଇଁ ଲୋକଙ୍କ ବହୁତ ଭଲପାଇବା ମିଳିଥିଲା। ତେଣୁ ଲୋକପ୍ରିୟ ପାଇଁ ନୁହେଁ ଆତ୍ମସନ୍ତୋଷ ମିଳିବା ପାଇଁ ଏହା ଜାରି ରଖିଲି। ଏଥିସହିତ ପ୍ରବାସୀ ଓଡ଼ିଆମାନଙ୍କ ପାଖରେ ଓଡ଼ିଆ ଗୀତ ପହଞ୍ଚାଇବା ପାଇଁ ଚେଷ୍ଟା କରିଛି।

**■କାହାଦ୍ୱାରା ଅନୁପ୍ରେରିତ ହୋଇଛନ୍ତି?**

ସଙ୍ଗୀତଜ୍ଞ ପ୍ରେମ୍ ଆନନ୍ଦ। ତାଙ୍କର ଶିଖେଇବାର ଶୈଳୀ ମୋତେ ବହୁତ ଆଗକୁ ନେଇଛି।

**■ଆପଣ କଣ୍ଠଦାନ କରିଥିବା ଆଗାମୀ ଫିଲ୍ମ କ'ଣ ରହିଛି?**

'ସାଥୀ ତୁ ଫେରି ଆ' ନାମକ ଏକ ଚଳଚ୍ଚିତ୍ରରେ ମୋର ଦୁଇଟି ଗୀତ ରହିଛି।

**■ସଙ୍ଗୀତକୁ ନେଇ କ'ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି?**

ଓଡ଼ିଆ ଗୀତକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଚେଷ୍ଟା କରିବି। ଯୁବପିଢ଼ିଙ୍କ ପାଇଁ ଓଡ଼ିଆ ଗୀତର ଢାଞ୍ଚା ପରିବର୍ତ୍ତନ କରିବା ପାଇଁ ଚାହିଁବି।

**■ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରି ଭଲରେ ଘର ଚଳାଇ ହୁଏ କି ?**

ବେଳେ ବେଳେ ବହୁତ କଷ୍ଟ ଲାଗେ। ଯେହେତୁ ସଙ୍ଗୀତ ଦୁନିଆରେ କାର୍ଯ୍ୟ କରୁଛି ତେଣୁ ବିଭିନ୍ନ ଲୋକଙ୍କ ସହିତ ମିଶିଲେ ଦୁଃଖ ଭୁଲିଯାଇଥାଏ। ମନ ମଧ୍ୟ ହାଲକା ହୋଇଯାଇଥାଏ। ଯେହେତୁ ଘର ଚଳାଇବାର ଭାରସାମ୍ୟ ମୋ ଉପରେ ରହିଛି ତେଣୁ ବହୁଥର ଚେଷ୍ଟା କରିଛି ଯେ ସଙ୍ଗୀତ ଛାଡ଼ି ଚାକିରି କରିବି। ତେଣୁ ସଙ୍ଗୀତ ଶିକ୍ଷକ ଭାବେ ୩ବର୍ଷ ଗୋଟେ ସ୍କୁଲରେ ଚାକିରି କଲି। କିନ୍ତୁ ଗୋଟେ ଜାଗାରେ ବାନ୍ଧି ହୋଇ ରହିବା ମୋତେ ଭଲ ଲାଗିଲାନି। ସବୁବେଳେ ସେହି ଗହଳି ଓ ଲୋକଙ୍କ ତାଳି ଦରକାର ହେଲା। ତେଣୁ ସେ ଚାକିରି ଛାଡ଼ିଦେଲି।

**■ଗୀତ ଛଡ଼ା ଆଉ କ'ଣ କରିବାକୁ ଭଲଲାଗେ ?**

କି-ବୋର୍ଡ ପ୍ଲେଇଂ କରିବାକୁ ଭଲଲାଗେ।

**■ଯେଉଁମାନେ ସଙ୍ଗୀତ କ୍ଷେତ୍ରରେ ଆସିବା ପାଇଁ ଚାହୁଁଛନ୍ତି ସେମାନଙ୍କୁ କ'ଣ କହିବେ ?**

ଦୃଢ଼ ଆତ୍ମବିଶ୍ୱାସ ରଖିବା ଉଚିତ। ବିଳମ୍ବ ହେଉ ପଛେ ପରିଶ୍ରମ କରିଛ ମାନେ ସଫଳ ନିଶ୍ଚିତ ଭାବେ ପାଇବ। ସାଧନା ରଖିବା ଉଚିତ। ଯେପର୍ଯ୍ୟନ୍ତ ଲୋକଙ୍କ ଭଲପାଇବା ରହିଥିବ ସେପର୍ଯ୍ୟନ୍ତ ଜଣେ କଣ୍ଠଶିଳ୍ପୀ ବଞ୍ଚିପାରିବ। ଯେଉଁଦିନ ତାହା କମିଯିବ ସେଦିନ ସେ ବୁଡ଼ିଯିବ। ତେଣୁ ସବୁବେଳେ ଗୀତ ମାଧ୍ୟମରେ ଓ ନିଜ ବ୍ୟବହାର ମାଧ୍ୟମରେ ଲୋକଙ୍କ ଭଲପାଇବା ଦରକାର।